VOL - 11

ISSUE NO. 242

₹ 2.50

# THE KALINGA CHRONICLE

Daily Edition: R.N.I. No: ODIENG/2013/52530

*Popular People's Daily of Odisha*

FRIDAY

21 JULY, 2023

(Air Surchange - 0.50P)

FIND US ON facebook.com/thekalingchronicle

FOLLOW US ON TWITTER twitter.com/thekalingchronicle

## Brikshya Ropan Utsav celebrated at the Central University of Odisha




**Koraput,(KCN):** In view of the present monsoon, the Central University of Odisha (CUO), Jawahar Navodaya Vidyalaya, Koraput; Kendriya Vidyalaya, Sunabeda and Kendriya Vidyalaya, Sunabeda jointly organized a tree plantation programme (Brikshya Ropan Utsav) in the University campus on 19 July 2023 to spread awareness of forest conservation and to save the environment. Hon'ble Vice-Chancellor of the University, Prof. Chakradhar Tripathi, presided over the programme and delivered the presidential address in the inaugural session of the programme. He highlighted the various benefits of planting trees. He said, "Trees and forests play a crucial role in maintaining an ecological balance and providing oxygen to human beings. At present, our environment, as well as the whole earth, is becoming polluted day by day due to various reasons. If we want to survive from pollution, save our environment and save the world, we have to plant a large number of trees. We will give the message of greening the earth by planting trees". He also highlighted the history of the plantation, starting in 1926 by Gurudev Rabindranath Tagore, the first Nobel Laureate in Asia at Balaton, Hungary, by planting a tree.

General Manager-Koraput of Hindustan Aeronautics Limited, Sunabeda, Shri Sudhansu Mohan Jena attended as the Chief Guest and addressed the audience. He highlighted the activities of educational institutions for promoting awareness about the plantations. Prof. Sharat Kumar Palita, Dean School of Biodiversity and Conservation of Natural Resources; Shri Arabinda Biswal, Principal, KV Koraput; Mrs. Anindita Chatterjee, Principal, KV Sunabeda, Mrs.Milani Mittra, Principal JNV Koraput spoke about the importance of tree plantation as the Guest of Honour on this occasion.

Along with students, research scholars, teachers, and Officers from the University, KV Sunabeda, KV Koraput & JNV Koraput Prof. Sudhendu Mandal, Advisor-Academic; Prof. N. C. Panda, Dean, School of Languages, Prof. Bagchi, Visiting Professor, Dr. Prasant Meshram and Controller of Examinations were present on this occasion. Dr. Rudrani Mohanty, Associate Professor, compeered the programme and Dr. Phagunath Bhoi extended the vote of thanks. The entire programme was coordinated by Mr. Madan Mohan Patra under the guidance of Prof. Sudhendu Mandal. After the inaugural programme different varieties of 20 saplings were planted on the University campus by the Guests, Students, and teachers.





ପାଣିରେ ସୁଟିଂ କଲେ କାର୍ତ୍ତିକ

ପୃଷ୍ଠା ୧୪ ଦେଖନ୍ତୁ...



• RNI REGD NO: 42041/83
• www.sakalaepaper.com
• /thesakalanews
• /TheSakala
• www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-27 •BHUBANESWAR •FRIDAY •21 JULY 2023 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୭ •ଭୁବନେଶ୍ୱର •ଶୁକ୍ରବାର •୨୧ ଜୁଲାଇ ୨୦୨୩ •ପୃଷ୍ଠା-୧୬ •ଟ.୬.୦୦


# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

କୋରାପୁଟ,୨୦।୭ (ସମିସ)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ; କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ସୁନାବେଡାର ମିଳିତ ଆନୁକୂଲ୍ୟରେ ଜଙ୍ଗଲ ସଂରକ୍ଷଣ ଓ ପରିବେଶ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉଦଘାଟନୀ ଅଧିବେଶନରେ ଅଭିଭାଷଣ ପ୍ରଦାନ କରିଥିଲେ। ବୃକ୍ଷରୋପଣର ବିଭିନ୍ନ ଉପକାରିତା ସମ୍ପର୍କରେଆଲୋକପାତ କରିଥିଲେ। ପରିବେଶସନ୍ତୁଳନ ବଜାୟ ରଖିବା ଏବଂ ମଣିଷକୁ ଅମ୍ଳଜାନ ଯୋଗାଇବାରେ ବୃକ୍ଷ ଓ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ବିଭିନ୍ନ କାରଣରୁ ଆମ ପରିବେଶ ସହ ସମଗ୍ର ପୃଥିବୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି । ଯଦି ଆମେ ପ୍ରଦୂଷଣରୁ ବଞ୍ଚିବାକୁ ଚାହୁଁଛୁ, ପରିବେଶକୁ ବଞ୍ଚାଇବାକୁ ଚାହୁଁଛୁ ଏବଂ ବିଶ୍ୱକୁ ବଞ୍ଚାଇବାକୁ ଚାହୁଁଛୁ, ତେବେ ଆମକୁ ବହୁ ସଂଖ୍ୟକ ବୃକ୍ଷରୋପଣ କରିବାକୁ ପଡିବ ବୋଲି ପ୍ରଫେସର୍ ତ୍ରିପାଠୀ କହିଥିଲେ । ୧୯୨୬ ମସିହାରେ ହଙ୍ଗେରୀର ବାଲାଟନଠାରେ ଏସିଆର ପ୍ରଥମ ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋର ଏକ ବୃକ୍ଷ ରୋପଣ କରି ଆରମ୍ଭ କରିଥିବା ବୃକ୍ଷରୋପଣର ଇତିହାସ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ।




ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡର ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ବୃକ୍ଷରୋପଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପ ଉପରେ ସେ ଆଲୋକପାତ କରିବା ସହ ବହୁ ପ୍ରଶଂସା କରିଥିଲେ। ଏହି ଅବସରରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତା, କେଭି କୋରାପୁଟର ଅଧ୍ୟକ୍ଷ ଅରବିନ୍ଦ ବିଶ୍ୱାଳ, କେଭି ସୁନାବେଡ଼ାର ଅନିନ୍ଦିତା ଚାଟାର୍ଜୀ, ଜେଏନଭି କୋରାପୁଟର ଅଧ୍ୟକ୍ଷା ମିଲାନୀ ମିତ୍ରା, ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ତଥା ଏକାଡେମିକ୍ ପ୍ରଫେସର ସୁଧେନ୍ଦୁ ମଣ୍ଡଳ, ସ୍କୁଲ ଅଫ୍ ଲାଙ୍ଗୁଏଜ୍ ର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା, ଭିଜିଟିଂ ପ୍ରଫେସର ବାଗଚୀ, ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ମେଶ୍ରାମଙ୍କ ସମେତ ବିଶ୍ୱବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷକ ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆସୋସିଏଟ୍ ପ୍ରଫେସର ଡ. ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ମଦନ ମୋହନ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ସମ୍ବାଦ

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବନ ମହୋତ୍ସବ

ସେମିଳିଗୁଡା,୨୦/୭(ଇମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ ଜବାହର ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ସୁନାବେଡ଼ା ଓ କୋରାପୁଟର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଲ ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ଯୋଗଦେଇ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ପରିବେଶ ସନ୍ତୁଳନ ବଜାୟ ରଖିବା ସହ ଅମ୍ଳଜାନ ଯୋଗାଇବାରେ ବୃକ୍ଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରଫେସର ତ୍ରିପାଠୀ ଅଭିଭାଷଣରେ କହିଥିଲେ। ଏହି ଅବସରରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗ ଡିନ୍ ପ୍ରଫେସର ଶରତ କୁମାର ପାଲିତା, କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ବିଶ୍ୱାଳ, ସୁନାବେଡ଼ା କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ଅନିନ୍ଦିତା ଚାଟାର୍ଜୀ, ଜେଏନ୍‌ଭି ଅଧ୍ୟକ୍ଷା ମିଲାନୀ ମିତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏକାଡେମିକ୍ ଉପଦେଷ୍ଟା ପ୍ରଫେସର ସୁଧେନ୍ଦୁ ମଣ୍ଡଳ, ସ୍କୁଲ ଅଫ୍ ଲାଙ୍ଗୁଏଜ୍ ଡିନ୍ ପ୍ରଫେସର ଏନ୍. ସି ପଣ୍ଡା, ପ୍ରଫେସର ବାଗଚୀ, ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ମେଶ୍ରାମଙ୍କ ସମେତ ବିଶ୍ୱବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷକ ଓ ଅଧିକାରୀ ଉପସ୍ଥିତ ରହି ୧୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରିଥିଲେ। ଆସୋସିଏଟ୍ ପ୍ରଫେସର ଡ. ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ମଦନ ମୋହନ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



JEYPORE Edition
Page No.15 July 21, 2023

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଜୁଲାଇ ୨୧/୨୦୨୩ (୧୪ ପୃଷ୍ଠା) Bhubaneswar, Friday, July 21/2023 Page 14 ₹ 7.00 RAYAGADA
୪୯ଶ ଭାଗ ୨୩୬ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 49 ISSUE 236 ମୂଲ୍ୟ ₹୭/-

# ସିୟୁଓ ପକ୍ଷରୁ ଚାରାରୋପଣ

କୋରାପୁଟ,୨୦।୭(ଅମିତାଭ ବେହେରା)- କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), ଜବାହର ନବୋଦୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ସୁନାବେଡାର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୁଳପତି ଚରାରୋପଣର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ମଣିଷକୁ ଅମ୍ଳଜାନ ଯୋଗାଇବାରେ ବୃକ୍ଷ ଓ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ହାଲ୍‌ର କୋରାପୁଟ ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଚରାରୋପଣ ସମ୍ପର୍କରେ ସଚେତନତା ସୃଷ୍ଟିରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଉପରେ ମତ ରଖିଥିଲେ। ଡିନ୍ ପ୍ରଫେସର ଶରତ ପାଲିତା, କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଅରବିନ୍ଦ ବିଶ୍ୱାଳ,ସୁନାବେଡ଼ାର ଅନିନ୍ଦିତା ଚାଟାର୍ଜୀ, କୋରାପୁଟନବୋଦୟ ଅଧକ୍ଷା ମିଲାନୀ ମିତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ସୁଧେନ୍ଦୁ ମଣ୍ଡଳ, ଡିନ୍ ପ୍ରଫେସର ଏନ୍‌ସି ପଣ୍ଡାଉପସ୍ଥିତ ଥିଲେ।

# UTKAL SAMAJA

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉତ୍ସବ ପାଳିତ



କୋରାପୁଟ ଜିଲ୍ଲା ଚଳିତ ମୌସୁମୀକୁ ଦୃଷ୍ଟିରେ ରଖି କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), ଜବାହର ନବୋଦୟ ବିଦ୍ୟାଳୟ; କେନ୍ଦ୍ରୀୟ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ସୁନାବେଡାର ମିଳିତ ଆନୁକୂଲ୍ୟରେ ଜଙ୍ଗଲ ସଂରକ୍ଷଣ ଓ ପରିବେଶ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦୨୩ ଜୁଲାଇ ୧୯ ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମର ଉଦ୍ ଘାଟନୀ ଅଧିବେଶନରେ ଅଭିଭାଷଣ ପ୍ରଦାନ କରିଥିଲେ। ବୃକ୍ଷରୋପଣର ବିଭିନ୍ନ ଉପକାରିତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ "ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ମଣିଷକୁ ଅମ୍ଳଜାନ ଯୋଗାଇବାରେ ବୃକ୍ଷ ଓ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ବିଭିନ୍ନ କାରଣରୁ ଆମ ପରିବେଶ ସହ ସମଗ୍ର ପୃଥିବୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି । ଯଦି ଆମେ ପ୍ରଦୂଷଣରୁ ବଞ୍ଚିବାକୁ ଚାହୁଁଛୁ, ପରିବେଶକୁ ବଞ୍ଚାଇବାକୁ ଚାହୁଁଛୁ ଏବଂ ବିଶ୍ୱକୁ ବଞ୍ଚାଇବାକୁ ଚାହୁଁଛୁ, ତେବେ ଆମକୁ ବହୁ ସଂଖ୍ୟକ ବୃକ୍ଷରୋପଣ କରିବାକୁ ପଡିବ । ଗଛ ଲଗାଇ ଧରିତ୍ରୀକୁ ସବୁଜ ସୁନ୍ଦର କରିବାର ବାର୍ତ୍ତା ଆମ୍ଭେମାନେ ସମାଜକୁ ଦେବା" । ୧୯୨୬ ମସିହାରେ ହଙ୍ଗେରୀର ବାଲାଟନଠାରେ ଏସିଆର ପ୍ରଥମ ନୋବେଲ ବିଜେତା ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର ଏକ ବୃକ୍ଷ ରୋପଣ କରି ଆରମ୍ଭ କରିଥିବା ବୃକ୍ଷରୋପଣର ଇତିହାସ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡର କୋରାପୁଟ ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ବୃକ୍ଷରୋପଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପ ଉପରେ ସେ ଆଲୋକପାତ କରିବା ସହ ବହୁ ପ୍ରଶଂସା କରିଥିଲେ। ଏହି ଅବସରରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତା, କେଭି କୋରାପୁଟର ଅଧ୍ୟକ୍ଷା, ଶ୍ରୀ ଅରବିନ୍ଦ ବିଶ୍ୱାଳ; କେଭି ସୁନାବେଡ଼ାର ଅନିନ୍ଦିତା ଚାଟାର୍ଜୀ, ଜେଏନ୍ଭି କୋରାପୁଟର ଅଧ୍ୟକ୍ଷା ମିଲାନୀ ମିତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା-ଏକାଡେମିକ୍ ପ୍ରଫେସର ସୁଧେନ୍ଦୁ ମଣ୍ଡଳ, ସ୍କୁଲ ଅଫ୍ ଲାଙ୍ଗୁଏଜ୍ ର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା, ଭିଜିଟିଂ ପ୍ରଫେସର ପ୍ରଫେସର ବାଗଚୀ, ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ମେଶ୍ରାମଙ୍କ ସମେତ ବିଶ୍ୱବିଦ୍ୟାଳୟ, କେଭି ସୁନାବେଡ଼ା, କେଭି କୋରାପୁଟ ଓ ଜେଏଭି କୋରାପୁଟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷକ ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆସୋସିଏଟ୍ ପ୍ରଫେସର ଡ. ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ମଦନ ମୋହନ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଓଡ଼ିଶା ଟାଇମ୍ସ

Friday 21 July 2023

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଉତ୍ସବ ପାଳିତ



କୋରାପୁଟ ଜିଲ୍ଲା ଚଳିତ ମୌସୁମୀକୁ ଦୃଷ୍ଟିରେ ରଖି କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), ଜବାହର ନବୋଦୟ ବିଦ୍ୟାଳୟ; କେନ୍ଦ୍ରୀୟ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ, ସୁନାବେଡାର ମିଳିତ ଆନୁକୂଲ୍ୟରେ ଜଙ୍ଗଲ ସଂରକ୍ଷଣ ଓ ପରିବେଶ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ୨୦୨୩ ଜୁଲାଇ ୧୯ ତାରିଖରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମର ଉଦ୍ ଘାଟନୀ ଅଧିବେଶନରେ ଅଭିଭାଷଣ ପ୍ରଦାନ କରିଥିଲେ। ବୃକ୍ଷରୋପଣର ବିଭିନ୍ନ ଉପକାରିତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ " ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ମଣିଷକୁ ଅମ୍ଳଜାନ ଯୋଗାଇବାରେ ବୃକ୍ଷ ଓ ଜଙ୍ଗଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ ବିଭିନ୍ନ କାରଣରୁ ଆମ ପରିବେଶ ସହ ସମଗ୍ର ପୃଥିବୀ ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି । ଯଦି ଆମେ ପ୍ରଦୂଷଣରୁ ବଞ୍ଚିବାକୁ ଚାହୁଁଛୁ, ପରିବେଶକୁ ବଞ୍ଚାଇବାକୁ ଚାହୁଁଛୁ ଏବଂ ବିଶ୍ୱକୁ ବଞ୍ଚାଇବାକୁ ଚାହୁଁଛୁ, ତେବେ ଆମକୁ ବହୁ ସଂଖ୍ୟକ ବୃକ୍ଷରୋପଣ କରିବାକୁ ପଡିବ । ଗଛ ଲଗାଇ ଧରିତ୍ରୀକୁ ସବୁଜ ସୁନ୍ଦର କରିବାର ବାର୍ତ୍ତା ଆମ୍ଭେମାନେ ସମାଜକୁ ଦେବା" । ୧୯୨୬ ମସିହାରେ ହଙ୍ଗେରୀର ବାଲାଟନଠାରେ ଏସିଆର ପ୍ରଥମ ନୋବେଲ ବିଜେତା ଗୁରୁଦେବ ରବୀନ୍ଦ୍ରନାଥ ଟାଗୋର ଏକ ବୃକ୍ଷ ରୋପଣ କରି ଆରମ୍ଭ କରିଥିବା ବୃକ୍ଷରୋପଣର ଇତିହାସ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ସୁନାବେଡ଼ାସ୍ଥିତ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡର କୋରାପୁଟ ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ବୃକ୍ଷରୋପଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର କାର୍ଯ୍ୟକଳାପ ଉପରେ ସେ ଆଲୋକପାତ କରିବା ସହ ବହୁ ପ୍ରଶଂସା କରିଥିଲେ। ଏହି ଅବସରରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତା, କେଭି କୋରାପୁଟର ଅଧ୍ୟକ୍ଷ, ଶ୍ରୀ ଅରବିନ୍ଦ ବିଶ୍ୱାଳ; କେଭି ସୁନାବେଡ଼ାର ଅନିନ୍ଦିତା ଚାଟାର୍ଜୀ, ଜେଏନ୍ଭି କୋରାପୁଟର ଅଧ୍ୟକ୍ଷ ମିଳାନୀ ମିତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା-ଏକାଡେମିକ୍ ପ୍ରଫେସର ସୁଧେନ୍ଦୁ ମଣ୍ଡଳ, ସ୍କୁଲ ଅଫ୍ ଲାଙ୍ଗୁଏଜ୍ ର ଡିନ୍ ପ୍ରଫେସର ଏନ୍ ସି ପଣ୍ଡା, ଭିଜିଟିଂ ପ୍ରଫେସର ପ୍ରଫେସର ବାଗଚୀ, ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ମେଶ୍ରାମଙ୍କ ସମେତ ବିଶ୍ୱବିଦ୍ୟାଳୟ, କେଭି ସୁନାବେଡ଼ା, କେଭି କୋରାପୁଟ ଓ ଜେଏଭି କୋରାପୁଟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଗବେଷକ, ଶିକ୍ଷକ ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଆସୋସିଏଟ୍ ପ୍ରଫେସର ଡ. ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଫେସର ସୁଧେନ୍ଦୁ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ମଦନ ମୋହନ ପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।